## ପଟିଆରେ 'ମଣି ତିରୁମାଳା'ର ନୂଆ ବାସଗୃହ ପ୍ରକଳ୍ପ

# ୧୩/୧୪ ମହଲାର ୧୧ଟି କୋଠା ନିର୍ମାଣ ହେବ

ଭୁବନେଶ୍ୱର, ୮/୪(ଇମିସ): ନନ୍ଦନକାନନ ରୋଡ୍ ପଟିଆ ଠାରେ କୋଲକାତାର ଅଗ୍ରଣୀ ରିଅଲ ଇଷ୍ଟେଟ୍ କଂପାନି ମଣି ତିରୁମାଳା ନୂଆ ବାସଗୃହ ପ୍ରକଳ୍ପ ନିର୍ମାଣ କରିବା ଆରମ୍ଭ କରିଛି । ସମୁଦାୟ ୧୨୦ ଲକ୍ଷ ବର୍ଗଫୁଟ ଜମି ଉପରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି । କଂପାନି ପକ୍ଷରୁ ୧୩ ଓ ୧୪ ମହଲା ବିଶିଷ୍ଟ ମୋଟ ୧୧ଟି କୋଠା ନିର୍ମାଣ କରାଯିବ ବୋଲି ମଣି ତିରୁମାଳାର ଗ୍ରୁପ୍ ସିଇଓ ସଂଜୟ ଝୁନଝୁନ୍‌ୱାଲା ପ୍ରକାଶ କରିଛନ୍ତି । ସେ ଏକ ସମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ମଣି ତିରୁମାଳା ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ ମୋଟ ୫୮୮ଟି ଫ୍ଲାଟ୍ ନିର୍ମାଣ କରାଯିବ । କଂପାନି ୨ବିଏଚକେ, ୩ବିଏଚକେ ଓ ୪ ବିଏଚକେ ବିଶିଷ୍ଟ ଫ୍ଲାଟ୍ ନିର୍ମାଣ କରିବ । ଫ୍ଲାଟ୍‌ଗୁଡ଼ିକର ମୂଲ୍ୟ ୪୦ ଲକ୍ଷ ଟଙ୍କାରୁ ୭୦ ଲକ୍ଷ ଟଙ୍କା ମଧ୍ୟରେ ରହିଛି । ମଣି ତିରୁମାଳା ପଟିଆ ପ୍ରକଳ୍ପରେ ମୋଟ ୪୩୦-୪୪୦ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି । ଗ୍ରାହକମାନଙ୍କୁ ୩୦ ମାସ ମଧ୍ୟରେ ଫ୍ଲାଟ୍ ହସ୍ତାନ୍ତର କରାଯିବ । ଏହି ପ୍ରକଳ୍ପ ପାଇଁ କଂପାନି ବିଡିଏ ସମେତ ପରିବେଶ ଓ ଅନ୍ୟାନ୍ୟ ସମସ୍ତ ମଞ୍ଜୁରି ହାସଲ କରିଥିବା ପ୍ରକାଶ କରିଛି । ୧୧ଟି ବ୍ଲକ୍‌ରେ ଫ୍ଲାଟ୍‌ଗୁଡ଼ିକର ଆକାର ୧୨୦୦ ବର୍ଗଫୁଟରୁ ୧୮୦୦ ବର୍ଗଫୁଟ ମଧ୍ୟରେ ରହିବ । ଗ୍ରାହକମାନେ ଗୋଟିଏ ଧରଣର ବିଭିନ୍ନ ଆକାର ଫ୍ଲାଟ୍ ପାଇପାରିବେ ।

ମଣି ତିରୁମାଳା ଏହି ପ୍ରକଳ୍ପ ପାଇଁ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା କରିଛି । ପ୍ରତି ବର୍ଗଫୁଟ୍‌ରେ କଂପାନି ୧୦୨- ୧୩୦ ଟଙ୍କା ସୁରକ୍ଷା ଦିଗରେ ଖର୍ଚ୍ଚ କରିବ ବୋଲି ଶ୍ରୀ ଝୁନଝୁନ୍‌ୱାଲା କହିଛନ୍ତି । ଏହି ପ୍ରକଳ୍ପରେ ୭୫ ପ୍ରତିଶତ ସବୁଜ ଖାଲି ସ୍ଥାନ ରହିବ । ପାଖାପାଖି ୮୦ ଭାଗ ଫ୍ଲାଟ୍ ପାଇଁ ତିନି ଦିଗରେ ଖୋଲା ସ୍ଥାନ ରହିବ । ପାଣି ବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତ କାର୍ ପାର୍କିଂ ବ୍ୟବସ୍ଥା, ନିଆଁ ଓ ଭୂମିକମ୍ପ ସୁରକ୍ଷା ବ୍ୟବସ୍ଥା ସହ ପ୍ରତି ଘରର ଚାକରମାନଙ୍କ ପାଇଁ ଅଲଗା ରହିବାର ବ୍ୟବସ୍ଥା କରାଯାଉଛି । ଅନ୍ତେବାସୀମାନଙ୍କୁ ସମସ୍ତ ପ୍ରକାର ଅତ୍ୟାଧୁନିକ ଭିତ୍ତିଭୂମି ଓ ଉପକରଣ ଯୋଗାଇ ଦେବାକୁ କଂପାନି ପ୍ରୟାସ କରୁଛି । ଏହି ପ୍ରକଳ୍ପରେ ଖେଳ ଗୃହ, ଷ୍ଟିମ୍ ବାଥ୍ ବ୍ୟବସ୍ଥା ସହ ସ୍ପା, ସୁଇମିଂ ପୁଲ୍, ଧ୍ୟାନ୍ ଗୃହ, ଜିମ୍, ୱେଟିଂ ରୁମ୍, କଫି ସପ୍ ରହିବ । ଛୋଟ ପିଲାଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ରହିବ । ଏହି ଅବସରରେ କଂପାନିର ଫଣ୍ଡିଂ ପାର୍ଟନର ଆଶିଷ ଗର୍ଗ ଓ ଇଞ୍ଜିନିୟରିଂ ଡିଭିଜନର ସଭାପତି ମାର୍କ ମାର୍ସଲ୍ ଉପସ୍ଥିତ ଥିଲେ । ବିଗତ ତିନି ଦଶନ୍ଧୀରେ କଂପାନି ୫୦ଟି ସ୍ଥାନରେ ୫୦ ଲକ୍ଷ ବର୍ଗଫୁଟ୍ ସ୍ଥାନରେ ଆବାସିକ ଗୃହ ସହିତ ବ୍ୟବସାୟିକ ପ୍ରକଳ୍ପ ମଧ୍ୟ ନିର୍ମାଣ କରିଛି ।




ସାମ୍ବାଦିକ ସମ୍ମିଳନୀରେ ମଣି ତିରୁମାଳାର ଗ୍ରୁପ୍ ସିଇଓ(ବାମରୁ ତୃତୀୟ) ସଂଜୟ ଝୁନଝୁନୱାଲାଙ୍କ ସହ ଅନ୍ୟ କଂପାନି ଅଧିକାରୀମାନେ